ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଧରମ ସିଂହ

ଡିସେମ୍ବର 16, 1996

[କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ପଞ୍ଜାବ ଆରକ୍ଷୀ ନିୟମାବଳୀ :*

*ନିୟମ 16.21- ନିଲମ୍ବିତ ଅଧିକାରୀଙ୍କ ସ୍ଥିତି ଏବଂ ବ୍ୟବହାର ।*

*ସେବା ଆଇନ- ଆରକ୍ଷୀ ଅଧିକାରୀ- ନିଲମ୍ବନ- କର୍ତ୍ତବ୍ୟରେ ଅନୁପସ୍ଥିତି- ତଦନ୍ତ- ଅନୁପସ୍ଥିତି ଇଚ୍ଛାକୃତ ଜଣାପଡ଼ିଲା - ଚାକିରିରୁ ଅପସାରଣ - ଉଚ୍ଚ ନ୍ୟାୟାଳୟ ଅପସାରଣକୁ ଏହି ଆଧାରରେ ରଦ୍ଦ କରିଛନ୍ତି ଯେ, ତାଙ୍କୁ ଜୀବିକା ନିର୍ବାହ ଭତ୍ତା ଦିଆଯାଇ ନଥିଲା ଏବଂ ତେଣୁ, ଅନୁପସ୍ଥିତି ଇଚ୍ଛାକୃତ ନଥିଲା- ରାଜ୍ୟ ଦ୍ୱାରା ଆଗତ ଅପିଲ- ଦର୍ଶାଯାଇଛି, ନିୟମ 16.21 ଅନୁସାରେ ନିଲମ୍ବନ ଅବଧି ମଧ୍ୟରେ ମଧ୍ୟ ଅରକ୍ଷୀ ଅଧିକାରୀ ହାଜିରା ଡାକରେ ଉପସ୍ଥିତ ରହିବା ଆବଶ୍ୟକ ଅଟେ- ନିଲମ୍ବନ ନିୟମ ଅଧୀନରେ ଜୀବନ ନିର୍ବାହ ଭତ୍ତା ପ୍ରଦାନ ଏହାର ଗୋଟିଏ ଦୃଷ୍ଟିକୋଣ ଅଟେ ଏବଂ ଉପସ୍ଥିତ ରହିବାର ତାଙ୍କର କର୍ତ୍ତବ୍ୟ ଏହାର ଦ୍ୱିତୀୟ ଦୃଷ୍ଟିକୋଣ ଅଟେ- ଜୀବିକା ନିର୍ବାହ ଭତ୍ତା ନ ଦେବା ଜଣେ କର୍ତ୍ତବ୍ୟଭ୍ରଷ୍ଟ ଅଧିକାରୀଙ୍କୁ କର୍ତ୍ତବ୍ୟରୁ "ଅନୁପସ୍ଥିତ" ହେବାର ଅଧିକାର ଦିଏ ନାହିଁ - ଶୃଙ୍ଖଳାଗତ କର୍ତ୍ତୃପକ୍ଷ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ସେ ଜାଣିଶୁଣି କର୍ତ୍ତବ୍ୟରୁ ଅନୁପସ୍ଥିତ ଥିଲେ, ତାହା ଭଲଭାବରେ ଯଥାର୍ଥ ଅଟେ – କର୍ତ୍ତବ୍ୟଚ୍ୟୁତ ବଦଳରେ ବାଧ୍ୟତାମୂଳକ ଅବସର ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି - ସେ ନିୟମ ଅଧୀନରେ ଅବସରକାଳୀନ ସୁବିଧା ପାଇବାକୁ ଯୋଗ୍ୟ ହେବେ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା- 16983/ 1996 ।

ଡବ୍ଲ୍ୟୁ.ପି. ସଂଖ୍ୟା- 9718/1994 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ତା4.10.95ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଆର୍.ଏସ୍.ସୁରି ଏବଂ ରୋହିତ ଅଗର୍ୱାଲ ।

ଉତ୍ତରଦାତାମାନଙ୍କ ପାଇଁ ଏଲ୍.କେ. ପାଣ୍ଡେ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟ ତରଫରୁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ରିଟ୍ ଆବେଦନ ସଂଖ୍ୟା- 9718/1994 ରେ 4 ଅକ୍ଟୋବର, 1995ରେ ଦିଆଯାଇଥିବା ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଉତ୍ପନ୍ନ ହୋଇଛି । 21 ନଭେମ୍ବର, 1991ରୁ 31 ଅକ୍ଟୋବର 1992 ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦାନ ନ କରିବା ପାଇଁ ଉତ୍ତରଦାତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଜାବ ଆରକ୍ଷୀ ନିୟମ ଅଧୀନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଉତ୍ତରଦାତାଙ୍କ ବିରୁଦ୍ଧରେ ଏକ ତଦନ୍ତ କରାଯାଇଥିଲା ଏବଂ ଜଣାପଡ଼ିଥିଲା ଯେ, ତାଙ୍କର ଅନୁପସ୍ଥିତି ଇଚ୍ଛାକୃତ ଥିଲା । ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ତାଙ୍କର ସେବାରୁ ଅପସାରଣକୁ ରଦ୍ଦ କରିଦେଲେ ଯେ, ତାଙ୍କୁ ଜୀବିକା ନିର୍ବାହ ଭତ୍ତା ଦିଆଯାଇ ନଥିଲା ଏବଂ ତେଣୁ, ତାଙ୍କର ଅନୁପସ୍ଥିତି ଇଚ୍ଛାକୃତ ନଥିଲା । ନିୟମ 16.21 ନିମ୍ନଲିଖିତ ଭାବରେ ପଢାଯାଉଛି :

"16.21 - ନିଲମ୍ବିତ ଅଧିକାରୀଙ୍କ ସ୍ଥିତି ଏବଂ ବ୍ୟବହାର – (1) ଜଣେ ଆରକ୍ଷୀ ଅଧିକାରୀଙ୍କୁ ପଦରୁ ନିଲମ୍ବିତ କରାଯିବା ଯୋଗୁଁ ସେ ଆରକ୍ଷୀ ଅଧିକାରୀ ହୋଇରହିବାରେ ରୋକାଯିବନାହିଁ ।

ଏପରି ନିଲମ୍ବନର ଅବଧି ସମୟରେ ଜଣେ ଆରକ୍ଷୀ ଅଧିକାରୀ ଭାବରେ ତାଙ୍କ ଉପରେ ନ୍ୟସ୍ତ କ୍ଷମତା, କାର୍ଯ୍ୟ ଏବଂ ସୁବିଧା ସ୍ଥଗିତ ରହିବ, କିନ୍ତୁ ସେ ସେହି କର୍ତ୍ତବ୍ୟଗୁଡ଼ିକୁ, ଅନୁଶାସନ ଏବଂ ଦଣ୍ଡଗୁଡ଼ିକୁ ଏବଂ ସେହି କର୍ତ୍ତୃପକ୍ଷମାନଙ୍କ ଅଧୀନରେ ରହିବେ, ଯେପରି ତାଙ୍କୁ ନିଲମ୍ବିତ କରାଯାଇ ନଥିଲା ।"

ଏହାକୁ ପଢ଼ିବା ଦ୍ୱାରା ସ୍ପଷ୍ଟ ଭାବରେ ସୂଚିତ ହେବ ଯେ, ନିଲମ୍ବନ ଅବଧି ସମୟରେ ଆରକ୍ଷୀ ଅଧିକାରୀଙ୍କୁ ହାଜର ହେବାକୁ ପଡ଼ିବ ଏବଂ କର୍ତ୍ତୃପକ୍ଷମାନଙ୍କ ନିକଟରେ ଉପଲବ୍ଧ ରହିବାକୁ ପଡ଼ିବ । ନିଲମ୍ବନ ନିୟମ ଅଧୀନରେ, ଯାହା ଆଦେଶ ଦିଆଯାଇଛି, ଜୀବିକା ନିର୍ବାହ ଭତ୍ତା ପ୍ରଦାନ ଏହାର ଗୋଟିଏ ଦିଗ ଏବଂ ତାଙ୍କର ଉପସ୍ଥିତ ରହିବାର କର୍ତ୍ତବ୍ୟ ଅନ୍ୟ ଏକ ଦିଗ ଅଟେ । ଜୀବିକା ନିର୍ବାହ ଭତ୍ତା ପ୍ରଦାନ ନକରିବା ଜଣେ କର୍ତ୍ତବ୍ୟଭ୍ରଷ୍ଟ ଅଧିକାରୀଙ୍କୁ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିବାକୁ ଅଧିକାର ଦିଏ ନାହିଁ । ତାଙ୍କର କର୍ତ୍ତବ୍ୟ ହେଉଛି ଜୀବିକା ନିର୍ବାହ ଭତ୍ତା ଦାବି କରିବା, କାର୍ଯ୍ୟାଳୟକୁ ଯାଇ ଜୀବିକା ନିର୍ବାହ ଭତ୍ତା ସଂଗ୍ରହ କରିବା ଏବଂ ଯଦି ଏହା ପ୍ରଦାନ କରା ନ ଯାଏ, ତେବେ ଉଚ୍ଚ କର୍ତ୍ତୃପକ୍ଷମାନଙ୍କ ନିକଟରେ ଆବଶ୍ୟକୀୟ ପ୍ରତିବେଦନ କରାଯାଇପାରିବ ଏବଂ ଯଦି, ଅଭିଯୋଗର ସମାଧାନ କରା ନ ଯାଏ, ତେବେ ଦେୟ ପାଇଁ ଉପଯୁକ୍ତ  ବିଚାରମଞ୍ଚରେ ଆବେଦନ କରାଯାଇପାରିବ । କିନ୍ତୁ ତାହାର ଅର୍ଥ ନୁହେଁ ଯେ, ତ୍ୱରିତ ନିୟମ ସତ୍ତ୍ୱେ କର୍ତ୍ତବ୍ୟଭ୍ରଷ୍ଟ ଅଧିକାରୀ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିପାରିବେ । ଏହି ପରିସ୍ଥିତିଗୁଡ଼ିକରେ, ଶୃଙ୍ଖଳା କର୍ତ୍ତୃପକ୍ଷଙ୍କ ଦ୍ୱାରା ସେ ଇଚ୍ଛାକୃତ ଭାବରେ କର୍ତ୍ତବ୍ୟରୁ ଅନୁପସ୍ଥିତ ଥିଲେ ବୋଲି ସିଦ୍ଧାନ୍ତ ନିଆଯିବା ଯଥାର୍ଥ ଅଟେ । ତଥାପି, ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ଲାଗୁ ହୋଇଥିବା ଦଣ୍ଡର ପରିମାଣ ଉପରେ, ଆମର ମତ ହେଉଛି ଯେ, ଅପସାରଣ ପରିବର୍ତ୍ତେ, ଚାକିରିରୁ ବାଧ୍ୟତାମୂଳକ ଅବସର ଏକ ଉପଯୁକ୍ତ ଦଣ୍ଡ ହେବ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିଦିଆଯାଇଛି । ଅପସାରଣ ଆଦେଶ ପରିବର୍ତ୍ତେ, କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ତାଙ୍କୁ ବାଧ୍ୟତାମୂଳକ ଭାବେ ଚାକିରିରୁ ଅବସର ଦେବା ପାଇଁ ଏକ ଆଦେଶ ପାରିତ କରିବା ଉପରେ ବିଚାର କରନ୍ତୁ, ଯାହାଦ୍ୱାରା ସେ ନିୟମାବଳୀ ଅଧୀନରେ ପେନସନ ସୁବିଧା ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକ ପାଇବାକୁ ଯୋଗ୍ୟ ହେବେ । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲକୁ ଅନୁମତି ଦିଆଯାଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**